# ଶୁକ୍ର ମହାଗ୍ରହ ସାଧନା

Author: Sahil Kumar Das

ଶୁକ୍ର ଗ୍ରହ ଙ୍କ ବିଷୟରେ ତ ଆପଣ ସମସ୍ତେ ଜାଣି ଥିବେ. ଶୁକ୍ର ହେଉଛନ୍ତି ଭୂମି ଭବନ ବାହାନ ପତ୍ନୀ ସୁଖ putra ସୁଖ ସନ୍ତାନ ସୁଖର କାରକ. ଏଣୁ ଯଦି କୁଣ୍ଡଳୀରେ ଶୁକ୍ର ଗ୍ରହ ଷ୍ଟ୍ରଙ୍ଗ ଅଛନ୍ତି ତେବେ ଏସବୁ ଜିନିଷ ମଣିଷ କୁ ବହୁତ ଶୀଘ୍ର ପ୍ରାପ୍ତ ହେଇଯିବ. ଅନେକ ଲୋକଙ୍କର କୁଣ୍ଡଳୀ ଯେବେ ମୁଁ ଦେଖେ ସେଥିରେ ଶୁକ୍ର ଗ୍ରହ ଏକଦମ କମଜୋର ଥାନ୍ତି. ଯେଉଁଠି ପାଇଁ ତାଙ୍କୁ ଧନର ସମସ୍ୟା ନିରନ୍ତର ଭୋଗ କରିବାକୁ ପଡୁଥାଏ. ଯେବେ ସୂର୍ଯ୍ୟ କୁଣ୍ଡଳୀରେ ଷ୍ଟ୍ରଙ୍ଗ ହୁଅନ୍ତି ସେତେବେଳେ ସେ ମାନ ସମ୍ମାନ ପ୍ରାପ୍ତ କରେଇ ଦିଅନ୍ତି. ରାଜନୀତି କ୍ଷେତ୍ରରେ ସଫଳତା ପ୍ରଦାନ କରନ୍ତି. କିନ୍ତୁ ଗୋଟେ କଥା ମନେ ରଖିଥିବେ ଯେ ସୂର୍ଯ୍ୟ ଯଦି କୁଣ୍ଡଳୀରେ ଷ୍ଟ୍ରଙ୍ଗ ହେବେ ତେବେ ଶୁକ୍ର ଙ୍କ ପ୍ରଭାବକୁ ସେ ନଷ୍ଟ କରିଦେବେ. ଏଣୁ ଶୁକ୍ରଙ୍କର ପ୍ରଭାବ ବଢେଇବାକୁ ହେଲେ ୨ ଟି ମାଧମ ଅଛି. ଗୋଟେ ହେଉଛି ହୀରାର ମୁଦି ପିନ୍ଧିବା ଦ୍ୱାରା ଶୁକ୍ର କୁଣ୍ଡଳୀରେ ଷ୍ଟ୍ରଙ୍ଗ ହୁଅନ୍ତି. ନଚେତ ମନ୍ତ୍ର ମାଧମରେ ତାଙ୍କୁ ଷ୍ଟ୍ରଙ୍ଗ କରିବାକୁ ପଡେ. ଆଜିର ଏଇ ଭିଡିଓ ରେ ଆପଣଙ୍କୁ ଶୁକ୍ର ମହାଗ୍ରହ ସାଧନା ଦେବାକୁ ଯାଉଛି. ଯଦ୍ୱାରା ଜୀବନରେ ଥିବା ସମସ୍ତ ପ୍ରକାର ଧନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେଇ ପାରିବ. ତେବେ କେମିତି କରିବେ ଏଇ ସାଧନା?

## ଆବଶ୍ୟକୀୟ ସାମଗ୍ରୀ

**ଦୀପ, ଧୂପ, ମିଶ୍ରି, ଶୁକ୍ର ଯନ୍ତ୍ର, kumkum , ସ୍ଫଟିକ ମାଳା ନଚେତ ଧଳା ହକିକ ମାଳା, ଶ୍ୱେତ ଚନ୍ଦନ, ଡାଳିମ୍ବ କାଠି.**




www.orissatimes.net

ସର୍ବ ପ୍ରଥମେ ସ୍କ୍ରିନରେ ଦିଶୁଥିବା ଯନ୍ତ୍ରକୁ ଶ୍ୱେତ ଚନ୍ଦନରେ ଗୋଲାପ ଜଳ ମିଶେଇ ଗୋଟିଏ ସାଧା କାଗଜ ଉପରେ ଡାଳିମ୍ବ କାଠିରେ ଆଂକନ୍ତୁ. ଯନ୍ତ୍ର ଆଙ୍କି ସାରିବା ପରେ ତାକୁ ପ୍ରାଣ ପ୍ରତିଷ୍ଠା କରିବେ. ପ୍ରାଣ ପ୍ରତିଷ୍ଠା ବିଧି ବିଲକୁଲ ମାଗନ୍ତୁନି. କାରଣ ପ୍ରାଣ ପ୍ରତିଷ୍ଠା ବିଧି ଆମର secret . ସେଇଟା ଆମେ କାହାରିକୁ ବି ଦେଇ ପାରିବୁନି. ପ୍ରାଣ ପ୍ରତିଷ୍ଠା କରିସାରିବା ପରେ ଏଇ ସାଧନା ଶୁକ୍ରବାର ଦିନ ଆରମ୍ଭ ହେବ. ସାଧକ ନିଜେ ଧଳା ରଙ୍ଗର ବସ୍ତ୍ର ପିନ୍ଧିବ. ଆଉ ଧଳା ରଙ୍ଗର ଯେକୌଣସି ଆସନ ବ୍ୟବହାର କଲେ ଚଳିବ. ତାହା ସୁତାର ହେଉ କି କମ୍ବଳର ହେଉ ଚଳିବ. ଏତିକି କରି ସାରିବା ପରେ ସାଧକ ସଂକଳ୍ପ ନେବେ. ସଂକଳ୍ପ ନେଇ ସାରିବା ପରେ ସାମ୍ନାରେ ଯନ୍ତ୍ର କୁ ଗୋଟେ ପ୍ଲେଟରେ ରଖିବେ. ଆଉ ଧୂପ ଦୀପ, ନୈବେଦ୍ୟ ପାଇଁ ମିଶ୍ରି ରଖିବେ. ସର୍ବ ପ୍ରଥମେ ଧ୍ୟାନ ମନ୍ତ୍ର ପଢିବେ.

**ହ୍ରୀଂ ହିମକୁନ୍ଦ ମୃଣାଲାଭଂ ଦୈତ୍ୟାନାମ ପରଂ ଗୁରୁଂ ସର୍ବଶାସ୍ତ୍ର ପ୍ରବକ୍ତାଣାଂ ଭାର୍ଗମଂ ପ୍ରଜମାମ୍ୟହଂ**

ତାପରେ ଆବାହନ ମନ୍ତ୍ର ପଢିବେ.

**ଓଁ ଭୁର୍ଭୁବଃ ସ୍ୱଃ ଶୁକ୍ରଃ ଇହାଗଛ ଇହତିଷ୍ଠଃ ଶୁକ୍ରାୟ ନମଃ ||**

ପୁନଃ ଧାନ ମନ୍ତ୍ର ପଢିବେ.

**ଓଁ ଶ୍ୱେତଃ ଶ୍ୱେତାମ୍ବରଧର କିରୀଟ ଚ ଚତୁର୍ଭୁଜଃ ଦୈତ୍ୟଗୁରୁଃ ପ୍ରଶାନ୍ତଶ୍ଚ ସାକ୍ଷସୂତ୍ର କମଣ୍ଡଳୁଃ**

ଆପରେ କୁଙ୍କୁମରେ ଅଳ୍ପ ପାଣି ମିଶେଇ ତାକୁ ଗଳେଇବେ ଯେମିତି ସିନ୍ଦୁର ଗୋଳିଆ ହୁଏ. ଏଇ କୁଙ୍କୁମ ନିଜ ଅନାମିକା ଆଙ୍ଗୁଠିରେ ନେଇ ଯନ୍ତ୍ରର ଉପରେ ତଳେ ବାମ ଡାହାଣ ତାପରେ ଚାରି କୋଣରେ ମନ୍ତ୍ର ପଢି ପଢି ଲଗେଇବେ. ମନ୍ତ୍ର କଣ?

**ଓଁ ଭାଗ୍ୟଦାୟ ନମଃ ପାଦ୍ୟଂ ସମର୍ପୟାମି କହି ଯନ୍ତ୍ର ଉପରେ କୁଙ୍କୁମ ଲଗେଇବେ.**

**ଓଁ ଶୁଭଦାୟ ନମଃ ଆଚମନୀୟଂ ସମର୍ପୟାମି**

**ଓଁ ଦୈତ୍ୟ ଗୁରବେ ନମଃ ସ୍ନାନଂ ସମର୍ପୟାମି**

**ଓଁ ଭୋଗକରାୟ ନମଃ ଗନ୍ଧଂ ସମର୍ପୟାମି**

**ଓଁ ଶ୍ୱେତାମ୍ବରାୟ ନମଃ ଧୂପ ଦୀପଂ ସମର୍ପୟାମି**

**ଓଁ ସର୍ବେଶ୍ୱର ପ୍ରଦାୟ ନମଃ ନୈବେଦ୍ୟଂ ସମର୍ପୟାମି**

www.orissatimes.net

**ଓଁ ଶୁକ୍ରାୟ ନମଃ ଆରମନୀୟଂ ସମର୍ପୟାମି**

ଏତିକ ସାରିବା ପରେ ଯନ୍ତ୍ରକୁ ଧୂପ ଦୀପ ଦେଖେଇକି ନୈବେଦ୍ୟ ପାଣି ଛଡେଇକି ଆଉ ଗୋଟେ ପ୍ଲେଟରେ ରଖିଦେବେ. ତାପରେ direct ମନ୍ତ୍ର ଜପ ଉପରକୁ ଆସିବେ. ମନ୍ତ୍ରଟି ହେଉଛି ଓଁ ଦ୍ରାଂ ଦ୍ରୀଂ ଦ୍ରୌଂ ସଃ ଶୁକ୍ରାୟ ନମଃ || ଏଇ ମନ୍ତ୍ର ଟିକୁ ସ୍ୱତିଙ୍କ ମାଳାରେ ମାତ୍ର ୭ ମାଳା ଜପ ହେବ. ୭ ମାଳା ଜପ ପରେ ଶୁକ୍ର ମହା ଗ୍ରହଙ୍କୁ କ୍ଷମା ପ୍ରାର୍ଥନା କରି ଉଠିଯିବ. ଏଇ ସାଧନା ମାତ୍ର ଗୋଟିଏ ଦିନର ଏଇ ସାଧନା ଗୋଟିଏ ଦିନ କରିବା ପରେ ପ୍ରତିଦିନ ଏଇ ମନ୍ତ୍ରକୁ କେବଳ ଗୋଟିଏ ମାଳା ଜପ କରାଯିବ. ପୁନଃ ୭ ମାଳା ଏବଂ ପୂଜା ବିଧି ପ୍ରକ୍ରିୟା କୁ next ଶୁକ୍ରବାର କରାଯିବ. ଏଇ ଭଳି ୧୧ ଶୁକ୍ରବାର କରାଯିବ. ୨ ଟି ଶୁକ୍ରବାର କରୁ କରୁ ଏଇ ସାଧନାର ପରିଣାମ ଦେଖିବାକୁ ମିଳିଯିବ.

ଏଇ ସାଧନାର ଅନ୍ୟ ଏକ ପ୍ରୟୋଗ ମଧ୍ୟ ଅଛି. ପୂଜା ବିଧି ସବୁ ସମାନ ରହିବ କିନ୍ତୁ ଅଢେଇ ଲକ୍ଷ ମନ୍ତ୍ର ଜପର ଅନୁଷ୍ଠାନ ଗ୍ରହଣ କରାଯିବ. ଆଉ ସବୁଠୁ important କଥା ଏଥିରେ ହୋମ କରିବା ଆବଶ୍ୟକ ନାହିଁ. କେବଳ ଦାଶଂସା ଜପ କରିଦେଲେ ବି ଚଳିବ. ଆଉ ସବୁଠୁ ବଡ କଥା ହେଉଛି ଏଇଆ ଯେ ଶୁକ୍ର ସାଧନା ଠାରେ କଲେ ୟାର ପ୍ରଭାବ ୩ ବର୍ଷ ପର୍ଯ୍ୟନ୍ତ ରହିବ.